# ଓରଟେଲ କମ୍ୟୁନିକେସନର ଡ଼ିଜିଟାଲ ଟିଭି ସେବା

08.09.2006 ORISSA BHASKAR

ଭୁବନେଶ୍ୱର,(ଆ.ପ୍ର.): କେବୁଲ ଟିଭି ସେବା ପ୍ରଦାନକାରୀ ସଂସ୍ଥା 'ଓରଟେଲ କମ୍ୟୁନିକେସନ ଲିଃ' ଡ଼ିଜିଟାଲ କେବୁଲ ଟିଭି ସେବା ଆରମ୍ଭ କରିଛି । ପ୍ରାଥମିକ ସ୍ତରରେ ଏହି ସେବା ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକରେ ଉପଲବ୍ଧ ହେବ । ଏହାଦ୍ୱାରା ଗ୍ରାହକମାନେ ଉନ୍ନତ ମାନର ସିଗ୍ନାଲ ଓ ଅଧିକ ସଂଖ୍ୟକ ଚ୍ୟାନେଲ ପାଇ ପାରିବେ । ଓରଟେଲ ସଦାସର୍ବଦା ଗ୍ରାହକମାନଙ୍କୁ ଉନ୍ନତ ଟେକ୍ନୋଲୋଜି ସେବା ପ୍ରଦାନ କରିଆସିଛି । ଏହି କ୍ରମରେ ସେଟଟପ୍ ବକ୍ସ ମାଧ୍ୟମରେ ଡ଼ିଜିଟାଲ କେବୁଲ ସେବା ଆରମ୍ଭ କରିଛି । ବ୍ରଡ଼ବ୍ୟାଣ୍ଡ ଇଣ୍ଟରନେଟ ସେବା ପ୍ରଦାନକାରୀ ଓରଟେଲ ନିକଟରେ ଇଣ୍ଟରନେଟ୍ ଟେଲିଫୋନ ସେବା ମଧ୍ୟ ଆରମ୍ଭ କରିଛି । ଗ୍ରାହକ ସେଟଟପ୍ ବକ୍ସ ପାଇଁ ମାତ୍ର ୧୯୯୯ ଟଙ୍କା ଦେଇ ଡ଼ିସେମ୍ବର ୨୦୦୬ ପର୍ଯ୍ୟନ୍ତ ମାଗଣାରେ ଡ଼ିଜିଟାଲ କେବୁଲ ସେବା ପାଇପାରିବେ । ଓରଟେଲ କମ୍ୟୁନିକେସନ ଉପସଭାପତି ବିଭୁ ପ୍ରସାଦ ରଥଙ୍କ ଅନୁସାରେ ସମୟକ୍ରମେ ଡ଼ିଜିଟାଲ କେବୁଲ ଟିଭିରେ ଅଧିକରୁ ଅଧିକ ଚ୍ୟାନେଲ ସଂଯୋଗ କରାଯିବ ଏବଂ ଗ୍ରାହକମାନଙ୍କୁ ମୂଲ୍ୟଯୁକ୍ତ ସେବା ଦେବାରେ ଇଣ୍ଟରନେଟ୍ ଟେଲିଫୋନ ସେବାର ପ୍ରଚଳନ ପରେ ଡ଼ିଜିଟାଲ କେବୁଲ ଟିଭି ସେବା ଏକ ଅନନ୍ୟ ପଦକ୍ଷେପ ।